ନଦେଖିଲେ କାହାକୁ ଏଭଳି ଦୃଶ୍ୟର ବର୍ଣ୍ଣନା କରିବା ସମ୍ଭବ ନୁହେଁ । ଗାଡିର ଝରକା ଦେଇ ତଳ ସହରକୁ ଦେଖିଲେ ଘର ଦ୍ୱାର ସବୁ ଦିଆସିଲି କାଠିର ଡବା ପରି ଛୋଟ ଦେଖାଯାଉଥାଏ । କେଉଁଠି ଧୂସର ଧରିଣୀ ଅସହାୟ ହୋଇ ପଡି ରହିଥାଏ । ସତେ ଯେମିତି ପ୍ରିୟ ଆସିବା ପାଇଁ ସେ ପ୍ରତୀକ୍ଷାରତ । କେଉଁଠି ପୁଣି ଘଣ୍ଟାଏ ବ୍ୟବଧାନରେ ସବୁଜ ବନଗିରି ଧୂସରତାକୁ ମଳିନ କରି ଦେଇ ଆନନ୍ଦରେ ହସୁଥାଏ । ବିଭିନ୍ନତାର ସମ୍ଭାର ଆଖି ଓ ମନକୁ ଉଦ୍‌ବେଳିତ କରୁଥାଏ । ମନକୁ ଭୁଲାଇବାର ଆବଶ୍ୟକତା ପଡୁନଥାଏ । ପୁଣି କେତେବେଳେ ତଳକୁ ଅନାଇଲେ ମୁଣ୍ଡ ଘୁରାଇ ଯାଉଥାଏ । ଜୀବନର ପତି ମୂହୁର୍ତ୍ତର ସ୍ଥିତତା ଉପରେ ଅବିଶ୍ୱାସ ଆସୁଥାଏ । ପାହାଡ ତଳେ ବଢି ଉଠିଥିବା ଛୋଟିଆ ସହର କେଉଁ ଅତଳ ତଳ ସ୍ଥାନରେ ଗଢି ଉଠିଛି । ଦେଖିଲେ ଆଖି ବୁଜି ହୋଇ ଯାଉଥାଏ । ନ ଦେଖିଲେ, ନ ଚାହିଁଲେ କିଛି ଜଣା ପଡେନି, ସବୁ ଭଲ ଲାଗେ । ସାରା ଦିନ ଏମିତି ଗତିଶୀଳ ହୋଇ କଟିଯାଏ । ସବୁ ଠିକ୍ ଅଛି ଏବଂ ଆମେ ସୁରୁଖୁରୁରେ ନିଶ୍ଚୟ ପ୍ରଭୁଙ୍କ ଦର୍ଶନ କରି ପାରିବା ଏଇ ଆଶା ନେଇ ଆମେ ପୁଣି ଚାଲିଥାଉ ।

ଦୁଇ ଦିନର ଯାତ୍ରାର କ୍ଳାନ୍ତି ମିଟାଇ ସେଦିନ ହରିଦ୍ୱାରର ହୋଟେଲ 'ଉର୍ମି'ରୁ ବାହାରିଲା ବେଳେ ରାସ୍ତାରେ ଡ୍ରାଇଭର ଚାହା ପିଇବା ପାଇଁ ଗାଡି ଅଟକାଇବା କଥାଟା ମନେ ପଡୁଛି । ଆମ ଗାଡି ରହୁ ରହୁ, ରାସ୍ତା କଡର ଚାଳିଆ ଦୋକାନରୁ ଦୁଇଜଣ ବ୍ୟକ୍ତି ବାହାରି ଆସି ଆମକୁ ଚାହା କପ ଧରାଇ ଦେଇ ପତ୍ର ଠୁଙ୍ଗାରେ କିଛି ଜଳଖିଆ ବଢାଇ ଦେଲେ । ହଁ ନାହିଁର ଦ୍ୱନ୍ଦ୍ୱରେ ମୁଁ ସଙ୍କୁଚିତ ହେଉଥିଲି ଚାହା ନେବାପାଇଁ । ମୋ ମୁହଁକୁ ଦେଖି ସିଏ ବୋଧେ ବୁଝି ପାରିଲେ, ଆଉ କହିଲେ, ଆମେ ବଦ୍ରୀନାଥ ଯାଉଥିବା ଯାତ୍ରୀମାନଙ୍କୁ ଏତିକି ଦେଇ ସେବା କରୁ । କେତେ କଷ୍ଟ କରି ଆପଣମାନେ ଯାଉଛନ୍ତି । ତାଙ୍କରି ଦୟାରୁ ଆମେ ଏତିକି କରିପାରୁଛୁ, ଭଗବାନଙ୍କ ପ୍ରସାଦ ଭାବି ଗ୍ରହଣ କରନ୍ତୁ । ଏ ଭଳି ଧର୍ମ କରି ସେମାନେ ବି କେତେ ଖୁସି ହେଉଛନ୍ତି ! ଏହା ତ ଭଗବାନଙ୍କର ବରାଦ ଆଉ ଦୟା । ବେଳେ ବେଳେ ମନୁଷ୍ୟ ରୂପରେ ଭଗବାନ ହିଁ ଆସି ସାହଯ୍ୟ କରିଥାନ୍ତି । ମନ ଖୁସିରେ ଆମେ ତାଙ୍କର ଦାନ ଗ୍ରହଣ କରି ଖୁସି ହେଲୁ । ନୃସିଂହ ବାବୁ ମିଠା ହାଲୁଆ ଖାଇ କହିଲେ 'ସେଇ ବୁଝିବ' । ଯେହେତୁ ତାଙ୍କର ଡାଇବେଟିସ୍ ଅଛି ସେଥିପାଇଁ ଟିକେ ବ୍ୟସ୍ତ ହେଲି, ପୁଣି ମୁଁ ବି କହିଲି 'ହଁ ସେଇ ବୁଝିବ' ।

ଏମିତି ଯାଇ ବଦ୍ରୀନାଥ ମନ୍ଦିର ପାଖାପାଖି ଏକ ଛୋଟ ହୋଟେଲ୍‌ରେ ରାତି କଟାଇ ପୁଣି ସକାଳୁ ସକାଳୁ ବାହାରିଲୁ । ପ୍ରାୟ ଆଠଟାରେ ବାହାରି ମନ୍ଦିର ପାଖରେ ପହଞ୍ଚିବାକୁ ଦଶଟା ବାଜିଗଲା । ରାସ୍ତା ଭିଡ ଥିଲା । ମନ୍ଦିର ସାମନା ହେଲା ବେଳକୁ ଦଶଟା ହେଲାଣି । ଲୋକଙ୍କର ଧାଡିର ସୁଅ ଦେଖି ଦେଇ ମୋ ହାଲୁକ ଶୁଖିଗଲା । ତଥାପି କିଛି ବାଟ ଚାଲିବାକୁ ପଡିଲା । ଗଡାଣିଆ ରାସ୍ତା । ମେ ମାସ ହେଲେ

ବି ପାହାଡ ଉପର ବୋଲି ବହୁତ ଥଣ୍ଡା ପଡିଥାଏ । ସ୍ୱେଟର, ସ୍କାର୍ଭ ଘୋଡି ହୋଇ ସମସ୍ତେ ବାହାରିଲୁ । ଯାହା ହେଉ ଭଲରେ ପହଞ୍ଚିଗଲୁ । ସେଠି ପହଞ୍ଚିଲା ବେଳକୁ ଧାଡି ପ୍ରାୟ ମାଇଲିଏ ଲମ୍ବା ହୋଇ ଯାଇଥାଏ । ଲୋକମାନେ ବୋଧେ ରାତିରୁ ଉଠି ଧାଡି ଦେଇଥାନ୍ତି । ଆମ ସାଙ୍ଗମାନେ ଧାଡିରେ ଆଗେଇ ଗଲେ । ହଠାତ୍ ମୋ ଆଖି ଅନ୍ଧାର ହୋଇଆସିଲା । ଧାଡିରୁ ଆସି ରାସ୍ତାକଡର ବିଶ୍ରାମସ୍ଥଳୀରେ ହାଲିଆ ହୋଇ ପଡିଗଲି । ଆମ ସାଙ୍ଗମାନଙ୍କୁ ଓ ମୋ ସ୍ୱାମୀଙ୍କୁ ଯିବାକୁ ବାଧ୍ୟ କଲି । ସମସ୍ତେ ଆଗେଇ ଗଲେ ।  କିନ୍ତୁ ମୋ ସ୍ୱାମୀ ମୋ ସହିତ ବସିରହିଲେ । ଲୋକଙ୍କ ସହ କଥା ହୋଇ ଡାକ୍ତର ଖୋଜିଲେ । ମନ୍ଦିରର କର୍ମଚାରୀ ଜଣେ ଆସି କହିଲେ, ଏମିତି ଅନେକଙ୍କର ହୋଇଥାଏ । ପାହାଡ ଉପରେ ଅକ୍ସିଜେନ୍ ଅଭାବ ହୁଏ । କିଛି ସମୟ ଗଲେ ଭଲ ହୋଇଯିବେ । କିନ୍ତୁ ମୋର ଦେହ ଭଲ ହେଲାଭଳି ଜଣା ପଡୁନଥାଏ । ଛାତିରେ ଭୀଷଣ କଷ୍ଟ ହେଉଥାଏ । ସେମିତି ଘଣ୍ଟାଏ ପଡିରହିବା ପରେ ସେହି ଜଣେ ଭଦ୍ରଲୋକ କହିଲେ,  "ଟିକେ ଭଲଲାଗିଲେ, ପଇସା ଦେଇ ଆପଣ ସ୍ପେସିଆଲ୍ ଦର୍ଶନ କରି ପାରିବେ" । ଏ ଭିତରେ ଦୁଇ ଘଣ୍ଟା ହୋଇଗଲାଣି । ଟିକେଟ୍ ଘର ବି ବନ୍ଦ ହୋଇଗଲାଣି । ଆଉ ଦେଖିବାର ଉପାୟ ନାହିଁ । ମୋ' ଆଖିରୁ ଦୁଇଧାର ଲୁହ ବୋହିଗଲା । ମନେହେଲା ସେଇଠି ଯେମିତି ଶେଷ ନିଶ୍ୱାସ ଚାଲିଯିବ । ଠାକୁରଙ୍କୁ ମନେ ମନେ କହିଲି, ଏମିତି ମତେ ଦୁଆରୁ ଫେରେଇ ଦେବ? ସାତ ସମୁଦ୍ର ପାରି ହୋଇ ଆସିଥିଲି, ଏତିକି ଦୟା କରିବ ନାହିଁ ? କ'ଣ ହେଲା କେଜାଣି, ପାଖରେ ଠିଆ ହୋଇଥିବା ଭଦ୍ରଲୋକ ହଠାତ୍ କହିଲେ, "ଆପଣ ଯାଆନ୍ତୁ, ପିଠିରେ ବୋହିନେବାକୁ ଲୋକ ଅଛନ୍ତି, ସିଏ ଆପଣଙ୍କୁ ସ୍ପେସିଆଲ୍ ଦର୍ଶନ ରାସ୍ତାରେ ସ୍ୱାସ୍ଥ୍ୟ ଖରାପ ହେତୁ ନେଇଯିବେ" । ପାଞ୍ଚଶହ ଟଙ୍କା ଦେଇ ମୁଁ ଗୋଟିଏ ଲୋକର ଏକ ବେତ ଚୌକିରେ ବସିଗଲି । ତାକୁ ସେଠି ପିଠିରେ ଯିବା କହନ୍ତି କାରଣ ଲୋକଟି ଆଉ ଜଣେ ଲୋକକୁ ସେଇ ଚଉକିରେ ବସାଇ ତାକୁ ପିଠିରେ ବାନ୍ଧି ବୋହି ନିଏ । ଠାକୁରଙ୍କ ଦୁଆରେ ସିଏ ଆମକୁ ଛାଡିଦେଲା । ହଠାତ୍ ମନେହେଲା କିଏ ଯେମିତି ମତେ ଠେଲି ଠେଲି ସେ ଗହଳ ଦେଇ ତାଙ୍କ ଦର୍ଶନ କରାଇଦେଲା । ମତେ ଅନେକ ସୁସ୍ଥ ଲାଗିଲା । ଠାକୁର ଦର୍ଶନ ସାରି ସେଠି ଭୋଗଖାଇ ଦେଖିଲି ଆମ ସାଙ୍ଗମାନେ ମଧ୍ୟ ସେଠି ପହଞ୍ଚି ଯାଇଛନ୍ତି । କେହି କାହାକୁ ଖୋଜିବା ବି ଦରକାର ପଡିଲାନି । ପୁଣି ଦେହରେ ବଳ ଆସିଗଲା, ଚାଲିବାକୁ ଆଉ ଚିନ୍ତା ନଥିଲା । ମନ୍ଦିରରୁ ଫେରି ସେଠି ଥିବା ଓଡିଆ ବ୍ରାହ୍ମଣଙ୍କ ଦ୍ୱାରା ଗଙ୍ଗା କୂଳରେ ଶ୍ରାଦ୍ଧ ଦେଇ ହୋଟେଲ୍ ଫେରିଲୁ । ମୋ ମନରେ ଗୋଟିଏ କଥା ଘୁରୁତେଇ ହେଉଥାଏ, ବଦ୍ରୀନାଥଙ୍କ କୃପାସାଗରରୁ ଟୋପାଏ କୃପା ଦ୍ୱାରା ମୋ ଯାତ୍ରା ସଫଳହେଲା । ମୋର ବିଶ୍ୱାସ ଆହୁରି ଦୃଢିଭୂତ ହୋଇଗଲା । ତୁମ ପାଇଁ ଠାକୁର ଥାଆନ୍ତୁ ବା ନ ଥାଆନ୍ତୁ, ମୋ ପାଇଁ ମୋ' ପାଖେପାଖେ ନିଶ୍ଚୟ ରହିଛନ୍ତି ।

ଜୟ ବଦ୍ରୀନାଥ ପ୍ରଭୁ । ତୁମେ ହିଁ ମୋ' ଜଗନ୍ନାଥ ।



# କୁହ କାହିଁକି ପ୍ରଭୁ କୁହ କାହିଁକି

*ବିଜ୍ଞାନୀ ଦାସ, ଡେଟନ୍, ମେରୀଲାଣ୍ଡ୍*



କୁହ କାହିଁକି ପ୍ରଭୁ କୁହ କାହିଁକି
ଏତେ ନିଦାରୁଣ ହୁଅ କାହିଁକି ? ।ପଦ।

ପୂଜା ଅରଚନା ତୁମ
କରଇ ମୁଁ ନିତି
ଧରମ, କରମ ଯାହା
ପାଳେ ରୀତିନୀତି
କି ଅପରାଧେ, କୁହ ତ ତେବେ
ନଶୁଣ ଦୁଃଖ, ଦେଖ ଚାହିଁକି ।୧।

ଏତେ ବଡ ଦୁନିଆଁର
ତୁମେ ମହାପ୍ରଭୁ
ଯେତେ ଯାହା ଦେଖେ ତୁମ
ଭିଆଣ ତ ସବୁ
କରୁଣା ତୁମ ଅଥଳ ସିନ୍ଧୁ
ଟିକେ ବାଣ୍ଟିଦେଲେ କମିଯିବକି ? ।୨।

ଏ ସଂସାର ତୁମ ଲୀଳା
ତୁମରି ଭିଆଣ
ପଥର, ସଲିଳ, ମାଟି
ତୁମରି ଚିନ୍ତନ
ତୁମେ ଚାହିଁଲେ ସବୁ ଘଟିବ
ହର ମୋ ଦୁଃଖ ତୁମେ ଚାହିଁକି ।୪।

ସୂର୍ଯ୍ୟଚନ୍ଦ୍ର ସର୍ଜି ତୁମେ
ଜଗତ ହସାଅ
ମୋ କ୍ଷୁଦ୍ର ପରାଣ ତୁମେ
ଦୁଃଖରେ ଭସାଅ
ତୁମେ ଚାହିଁଲେ, ଫୁଟନ୍ତା ଫୁଲ
ଉଠନ୍ତା ମୋର ପ୍ରାଣ ପୁରିକି ।୩।

ଅଙ୍ଗେଅଙ୍ଗେ ବେଦନା ମୋ
ତଥାପି ମୁଁ ହସେ
ତୁମର କରୁଣାବିନ୍ଦୁ
ପାଇବାର ଆଶେ
ତୁମ ଚରଣେ ଗଲି ଶରଣ
ତୁମ ଆଶୀଷ ବୁନ୍ଦେ ପାଇଁକି ।୪।

ଅନ୍ଧାର ତ ଚାରିଦିଗ
ଦିଶେନାହିଁ ବାଟ
ତଥାପି ସୁଖ ସପନ
ଦେଖିବାର ଆଣ୍ଟ
ତୁମ ଭକତି ମୋର ଶକତି
କର ପାରି ମୋ' ନାଆ ବାହିକି ।୫।

# ହେଇଯାଉ ଏ' ଦୁନିଆ ଗୋପ ନଗରୀ

**ଶଶଧର ମହାପାତ୍ର, ସିଲ୍‌ଭର୍ ସ୍ପ୍ରିଙ୍ଗ୍, ମେରୀଲାଣ୍ଡ୍**

ତୋ'ପାଇଁ ବାରମାସେ ତେର ଯାତରା
କେଉଁ ଦିଅଁ ପୂଜାପାଏ ତୋ'ଭଳି ପରା ?



ସବୁଠୁଁ ସୁନ୍ଦର ଲାଗେ ତୋ' ରଥ ଯାତରା
ପରିଚିତ ହେଲା ଆଜି ଏ' ବିଶ୍ୱ ସାରା

ତୋ'ଲାଗି ଓଡିଶା ରାଜ୍ୟ କରୁଛି ଗର୍ବ
ତୋ'ପାଇଁ ଓଡିଶା ପରା ଧରାରେ ସ୍ୱର୍ଗ

ଦିନେଥିଲୁ ଓଡିଶାରେ ତୁ ପରିଚିତ
ଆଜି କିନ୍ତୁ ଜାଣିଲେଣି ସାରା ଜଗତ

ତୁ ପରା ଶାନ୍ତି, ମୈତ୍ରୀ, ପ୍ରେମ ପ୍ରତିକ
ଭକ୍ତମାନଙ୍କର ତୁହି ବଡ ପ୍ରେମିକ

ତୋ' ଓଠରେ ଦେଖି ସେହି ମୁରୁକି ହସ
ସାରା ବିଶ୍ୱବାସୀ ଆଜି ହୁଅନ୍ତି ବଶ

କିଛି ବର୍ଷ ପୂର୍ବେ ତୋତେ ନଥିଲେ ଜାଣି
କେମିତି ଜିଣିଲ ହୃଦ ହେ ନୀଳମଣୀ ?

ବାନ୍ଧିଦେ, ବାନ୍ଧିଦେ ତୋ' ପ୍ରେମର ଡୋରି
ହେଇଯାଉ ଏ' ଦୁନିଆ ଗୋପ ନଗରୀ

## Sixth Teacher Orientation Problem

The teachers orientation program was held on June 16, 2017 at Sahada, Bhadrak. The C.I. of schools was the chief guest. Total number of 27 teachers participated and 28 students participated. The program continued for three days.




## Rathajatra 2017 Sponsors and Income/Expense Report

Friends:

***We thank following people who have pledged/sent sponsorship in various categories.***

| | |
|---|---|
| Alok Ray | Nandighosa |
| Anonymous | Nandighosa |
| Bijay and Sinu Das | Nandighosa |
| Binod and Bandita Nayak | Nandighosa |
| Hemanta and Preeti Biswal | Nandighosa |
| Joy Gopal Mohanty and Sulochana Patnaik | Nandighosa |
| Manoj and Snigdha Mishra | Nandighosa |
| Nrusingha and Bandita Mishra | Nandighosa |
| Raj and Sony Rath | Nandighosa |
| Ram Nayak | Nandighosa |
| Ramesh Sahoo | Nandighosa |
| Sanjay and Sasmita Jena | Nandighosa |
| Santanu and Jhinu Chhotray | Nandighosa |

| | |
|---|---|
| Santosh Nayak | Nandighosa |
| Sashadhar and Meera Mohapatra | Nandighosa |
| Sudhansu Mohanty and Lopamudra Pattnaik | Nandighosa |
| Susmita and Pradeep Behera | Nandighosa |
| Anu and Nilamber Biswal | Darpadalan |
| Devaraj and Urmila Sahu | Darpadalan |
| Prafulla and Sangeeta Nayak | Darpadalan |
| Prasanna and Baruni Samal | Darpadalan |
| Naresh and Bigyani Das | Taladhvaja |
| Sudhir and Reema Raju | Taladhvaja |
| Sujit and Pinky Das | Taladhvaja |
| Anusuya Mohapatra | Prasad/Any sponsorship |
| Bhudeep Patnaik | Prasad/Any sponsorship |
| Gyana and Sujata Bohidar | Prasad/Any sponsorship |
| Kailash and Meenakshi Sahu | Prasad/Any sponsorship |

We would like to thank many volunteers who helped before, on and after ratha jatra day.

Ratha decoration: Maushumi Pattanaik, Sikha Sen, Hema Behera, Sagarika Pattanaik, Tina Satpathy, Saroj Behera and Dipak Mohanty.

Prasad: Anjana Choudhury, Urmila Sahu, Tapas Panda, Ila Ojha, Meera Mohapatra, Sinu Dash, Bijay Dash and many volunteers who helped in serving food.

Deity painting: Hemangini Behera

We are sure we missed the names of many volunteers but please know that we appreciate every bit of your hard work. A special thanks to Anup Bakshi, who is always there to clean the dining area at the end.

Thank You!

Total income from sponsorship - $4441

Expenses: Replace new ratha wheel $950
Musician : $1100
Food: $1050
Temple/priest $800
Decoration: $371
Tent rental : $720

Total Expenses $4991

Net Income: **$550**

Positive balance income will be used for Jagannath temple project

## Holi 2017 Sponsors

***Balabhadra Sponsors:*** *Naresh and Bigyani Das, MD*

***Jagannath Sponsors:*** *Shashadhar and Meera Mohapatra, MD; Jay and Mona Satapathy, VA; Joy Gopal and Sulochana Mohanty, MD; Bijay and Sinu Dash, MD; Devaraj and Urmila Sahu, MD*

***Children Trophy Sponsor:*** *Sudhir and Reema Raju, VA*

***Bhajan Program sponsors:*** We thank all the families for regularly participating in bhajan program activities. Bhajan program consists of group bhajan singing, Arati, discussion and Prasad. On eventful occasions, special traditions are followed. **(Note: All the bhajan participants are requested to bring their JOGASUTRA book to the bhajan program to sing along group bhajans. If you have not received a book, please let us know.)** Our heartfelt thanks to the following families for sponsoring feasts on different months:

Maushumi and Sandip Pattanaik, MD
Bandita and Nrusingha Mishra, MD
Jhinu and Santanu Chhotray, VA
Prafulla and Sangeeta Nayak, VA
Gyana and Sujata Bohidar, VA
Kailash and Meena Sahu, MD
Sanjib and Mukta Mishra, MD
Bhakta Rath, VA
Urmila Mohapatra, MD
Rosy and Biswa Mohapatra, VA
Urmila and Devraj Sahu, MD
Sujit and Pinky Das, VA

JOGA takes this opportunity to thank the temple committee members of Hindu Temple and the priests and volunteers for the success of monthly bhajan programs as well as other events. Temple priests Pitambar Dutt Sharmaji and Ram Narayan Shashtriji have been very resourceful. We also thank Sharmaji and his family for their support of our programs.

### Wise Thoughts:

"A smart man makes a mistake, learns from it, and never makes that mistake again. But a wise man finds a smart man and learns from him how to avoid the mistake altogether."
- Roy H. Williams

"Intelligence is the ability to adapt to change."
- Stephen Hawking

"Failure is simply the opportunity to begin again, this time more intelligently."
- Henry Ford




**ଶାରଦୀୟ କବିତାପାଠ, ୨୦୧୭**

ସମୟ – ସେପ୍‌ଟେମ୍ବର୍‌ ୧୦ ତାରିଖ ରବିବାର ଅପରାହ୍ନ ଦୁଇଟା
ସ୍ଥାନ – ଝିନୁ ଓ ଶାନ୍ତନୁ ଛୋଟରାୟଙ୍କ ସେଣ୍ଟରଭିଲ୍‌ ବାସଭବନ
ବିଷୟ – ଓଡିଆ କବିତା ପାଠ

ଘରଟିକୁ ଘେରି ରହିଥିଲା ସବୁଜ ଘାସର ଗାଲିଚା । ମଝିରେ ସୌନ୍ଦର୍ଯ୍ୟ ବର୍ଦ୍ଧିତ କରୁଥିଲେ ପୁଷ୍ପିତ ଗୋଲାପ, ମଲ୍ଲୀ, ମନ୍ଦାର ଓ ନାଲି ପାଇକରା ଗଛ । ମନ୍ଦ ମଳୟ ଛୁଇଁ ଯାଉଥିଲା ଉପସ୍ଥିତ ଜନ ସମାଗମକୁ । ପ୍ରାୟ କୋଡିଏ/ପଚିଶଟି ପରିବାର ଯୋଗ ଦେଇଥିଲେ ଏହି ବିଶେଷ ଦିନଟିକୁ ଉପଭୋଗ କରିବା ଆଶାରେ । ମେରୀଲାଣ୍ଡ୍‌ର ଓଡିଆମାନଙ୍କ ଭିତରେ ଓଡିଆ କବିତା ପାଠ ପ୍ରତି ପ୍ରୀତି ବର୍ଦ୍ଧିତ ହେବା ପରିଲକ୍ଷିତ ହୁଏ । ଆଜିକାଲି ଛୋଟ ପିଲାମାନେ ଅଧିକ ସଂଖ୍ୟାରେ ଏ ସମାରୋହରେ ଯୋଗ ଦେଉଛନ୍ତି । ନିଜ ନିଜର ସ୍ୱଲିଖିତ ଇଂରାଜୀ କବିତା ପଢି ସେମାନେ ଆନନ୍ଦ ଓ ଗର୍ବିତ ମନେ କରୁଛନ୍ତି । ଏ ଥରର ଉପସ୍ଥିତ ଥିବା ପାଞ୍ଚ ଜଣ ବାଳକ/ବାଳିକା ସେମାନଙ୍କ ସ୍ୱଲିଖିତ କବିତା ପାଠ କରିଥିଲେ ଏବଂ ପ୍ରତିଟି କବିତାରେ କବିତା ଲେଖିବାର ଦକ୍ଷତା ପ୍ରଦର୍ଶନ କରିଥିଲେ ।

ବୟସ୍କ ଗୋଷ୍ଠୀରୁ ପ୍ରଥମ କବିତା ପାଠ କରିଥିଲେ ଅମ୍ଭମାନଙ୍କ ମଧ୍ୟରେ ଉପସ୍ଥିତ ବୟୋଜ୍ୟେଷ୍ଠ ସଦସ୍ୟ ସୁରେନ୍ଦ୍ର ରାୟ । କବିତାଟି ଇଂରାଜୀରେ ଲେଖିଥିଲେ ମଧ୍ୟ, ଏହାକୁ ଓଡିଆରେ ରୂପାନ୍ତର କରି ଆମ୍ଭମାନଙ୍କୁ ବୁଝାଇଥିଲେ । ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ପ୍ରଚାର ଓ ପ୍ରସାର କରିବାକୁ ସିଏ ଅନୁରୋଧ କରିଥିଲେ । ଦ୍ୱିତୀୟ କବିତାର ପାଠକ ଥିଲେ ବିନୋଦ ନାୟକ । ଆମ୍ଭମାନଙ୍କର ପରମ ସୌଭାଗ୍ୟ, ବିନୋଦ ବାବୁ ତାଙ୍କର ପିତା, ଓଡିଆ ସାହିତ୍ୟ ଏକାଡେମୀ ପୁରସ୍କୃତ କବି ଲକ୍ଷ୍ମୀଧର ନାୟକଙ୍କ ଲିଖିତ ଦୁଇଟି କବିତା ଆମକୁ ଶୁଣାଇଥିଲେ । ବିରହିଣୀ ଉପରେ ଆଧାରିତ କବିତା 'ବିରହିଣୀ' ବେଶ୍‌ ମର୍ମସ୍ପର୍ଶୀ ହୋଇଥିଲା ।

ଦ୍ୱିତୀୟ କବିତାର ଶୀର୍ଷକ ଥିଲା 'ଏଇ ପୃଥିବୀକୁ ଏତେ ଭଲ ପାଉ··' । ଏହି କବିତାରେ ମଣିଷ ମନର ଗହୀର ଭାବ, ଏହି ପୃଥିବୀକୁ ଛାଡିଯିବାର ଯନ୍ତ୍ରଣା ପ୍ରକାଶ ପାଉଥିଲା । ପ୍ରତି କବିତା ପାଠ ଉତ୍ସବରେ ମୋର ପ୍ରିୟ କବିଙ୍କ ଲେଖା, ବିନୋଦ ବାବୁଙ୍କ ସ୍ୱରର ଲାଳିତ୍ୟରେ ଶୁଣିବା ମୋ' ପାଇଁ ଏକ ସୌଭାଗ୍ୟର କଥା, କାରଣ କବିତାର ଭାବର ଅଭିବୃଦ୍ଧି ହୋଇଥାଏ କବିତାର ପଠନ ଶୈଳୀରେ । ପରବର୍ତ୍ତୀ କବିତା 'ଧନ୍ୟ ଏ ଜୀବନ' ପଢି ଶୁଣାଇଥିଲେ ନୃସିଂହ ମିଶ୍ର । ମନୁଷ୍ୟ ଜନ୍ମ ଦୁର୍ଲଭ, ଜନ୍ମ ନେଲେ ହିଁ ମନୁଷ୍ୟର ଶରୀର ଦିନେ ନା ଦିନେ ମାଟିରେ ମିଶିବ, କିନ୍ତୁ ଅମର ହୋଇ ରହିବ ତାହାର ଆତ୍ମା । ଆତ୍ମା ପରମାତ୍ମାରେ ଲୀନହେବାର ଅଭିପ୍ରାୟହିଁ ଏ କବିତାର କଥାବସ୍ତୁ ଥିଲା ।

ନୃସିଂହ ମିଶ୍ରଙ୍କ ପରେ କବି ଶ୍ରୀଖଣ୍ଡ ଶତପଥୀ ତାଙ୍କ କବିତା "ଡାହୁକ ଡାକ" ପାଠ କରିଥିଲେ । ଏ କବିତାଟି ଏକ ହାସ୍ୟରସାତ୍ମକ କବିତା ଥିଲା । ସେଥିରେ ସେ ଏ ସମୟରେ ଘଟୁଥିବା ସମସ୍ତ ଅଘଟଣର ଖବରକୁ ବ୍ୟଙ୍ଗ କବିତା ରୂପେ ରଥବୋଲିରେ "ରଥଗଲା ଗଡିଗଡି, ଭଣ୍ଡବାବା ହାତେ ପାଞ୍ଚାଳୀ ଶାଢୀ" ଢଙ୍ଗରେ ଆବୃତ୍ତି କରିଥିଲେ । ପରବର୍ତ୍ତୀ କବି ଥିଲେ ବବ୍ରୁ ସାମଲ ଏବଂ ତାଙ୍କ କବିତାର ଶୀର୍ଷକ ଥିଲା 'ପ୍ରସ୍ଥାନ ପୂର୍ବରୁ' । ଦିନଟିଏ ସରିଯିବା ପୂର୍ବରୁ ପ୍ରସ୍ତୁତିର ବର୍ଣ୍ଣନା କରାଯାଇଥିଲା ଏ କବିତାରେ । ପରବର୍ତ୍ତୀ କବି ଦେବରାଜ ସାହୁ, ମନୁଷ୍ୟ ଜୀବନରେ ମନୁଷ୍ୟର ବନ୍ଧୁ ଶ୍ୱାନର ସ୍ଥାନ ଯୁଧିଷ୍ଠିରଙ୍କର ସ୍ୱର୍ଗାରୋହଣରୁ ଉଦାହରଣ ଦେଇ ବୁଝାଇଥିଲେ । ଆମର ପ୍ରିୟକବି ଶଶଧର ମହାପାତ୍ର ତାଙ୍କର ଦୁଇଟି କବିତା 'ଝିଅ ଘିଅ' ଏବଂ 'ଭାବୁଥିଲି ତୁମେ ପ୍ରଭୁ ଭଲ ସ୍ୱଭାବର' ପଢି ଶୁଣାଇଥିଲେ । କବିତା 'ଝିଅ ଘିଅ'ରେ ପୁରୁଣାକାଳରେ ଏବଂ ବର୍ତ୍ତମାନ ସମାଜରେ ଝିଅ ମାନଙ୍କର ପରିବର୍ତ୍ତିତ ସ୍ଥାନର ବର୍ଣ୍ଣନା କରିଥିଲେ । ଦ୍ୱିତୀୟ କବିତାଟିରେ ପ୍ରସ୍ଫୁଟିତ ହୋଇଥିଲା ତାଙ୍କର ଭଗବାବନଙ୍କ ପ୍ରତି ଅଭିମାନ ।

ମନୋଜ ପଣ୍ଡା ତାଙ୍କର କବିତା 'ତୃଷ୍ଣା ଅସ୍ତରାଗର' ଏବଂ 'ଦୈନ୍ୟର ଉପହାସ'ରେ ଘାତ ପ୍ରତିଘାତ ଭରା ଏହି ଦୁନିଆରେ ଘଟୁଥିବା ଘଟଣାର କିଞ୍ଚିତ ଆଭାସ ଦେଇଥିଲେ ଏବଂ ମନର ନିଭୃତ ଦ୍ୱାରରୁ କେତେବେଳେ କେଉଁଠାରୁ ଶଭୁଥିବା ଡାକ 'ଉତ୍ତିଷ୍ଠତ ଜାଗ୍ରତ ପ୍ରାପ୍ୟ ବରାନ୍ ନିବୋଧତ'ର ସମ୍ୟକ ଉଦାହରଣ ଛଳରେ ଆମକୁ ବୁଝାଇଥିଲେ । ଜୟଗୋପାଳ ମହାନ୍ତି କବିତା 'ରିଟାୟାର୍ ହେବା ଚିନ୍ତା'ରେ ସିଏ ରିଟାୟାର୍ ହେଲେ କଣ କେମିତି ସମୟ କଟାଇବେ ଏବଂ କେମିତି ଚଳିବେ କହି ଆମକୁ ଆମ ଆଗାମୀ ରିଟାୟାର୍ ଜୀବନ ବିଷୟରେ ସୂଚନା ଦେଇଥିଲେ । ନୂଆକରି କବିତା ପାଠ ସମାରୋହରେ ଯୋଗଦେଇଥିବା ସରୋଜ ରାଉତ ତାଙ୍କ କବିତା "ଚିତ୍ରପଟ" ପଢି ସମସ୍ତଙ୍କୁ ଶୁଣାଇଥିଲେ ।

ନାରୀକବି ମାନଙ୍କ ମଧ୍ୟରୁ ସ୍ୱଲିଖିତ କବିତା ପାଠ କରିଥିଲେ ଅଞ୍ଜନା ଚୌଧୁରୀ, ପ୍ରଣତି ପଣ୍ଡା, ଝିନୁ ଛୋଟରାୟ, ବର୍ଣ୍ଣାଳୀ ପାଣିଗାହୀ, ବିଜ୍ଞାନୀ ଦାସ ଏବଂ ସୁଲୋଚନା ପଟ୍ଟନାୟକ । ଅଞ୍ଜନା ମନୁଷ୍ୟ ଜୀବନର ବ୍ୟାଖ୍ୟା କରିଥିଲେ ତାଙ୍କ କବିତାରେ । ପ୍ରଣତିଙ୍କର ହାସ୍ୟ ରସାତ୍ମକ କବିତା ଥିଲା 'କଳି ଯୁଗର ବାବାଙ୍କୁ ଜୁହାର' । ଆଜିକାଲି ଯୁଗର ଭଣ୍ଡ ବାବା ମାନଙ୍କ ବିଷୟରେ ରଚିତ ବ୍ୟଙ୍ଗ କବିତାଟି ବହୁତ ଉପଭୋଗ୍ୟ ହୋଇଥିଲା । ବର୍ଣ୍ଣାଳୀ ତାଙ୍କର ଇଂରାଜୀ କବିତା "A Mirror in You" ପଢିଥିଲେ । ମଣିଷ ଜୀବନରେ କଣ ଚାହେଁ ଓ କଣ ତାର ଆବଶ୍ୟକତା, ଏହା ଥିଲା ବିଜ୍ଞାନୀଙ୍କ କବିତା 'କିଛି ପ୍ରେମ କିଛି ସୁଖରେ' । ଝିନୁ ତାଙ୍କର କବିତା 'ହସ' ପଢି ପ୍ରକାରଗତ ହସର ବିଷଦ ବର୍ଣ୍ଣନା କରି ଶ୍ରୋତାମାନଙ୍କୁ ଅମୋଦିତ କରିଥିଲେ । ଅତସୀ ଦାସ ତାଙ୍କ ବାପା ଭଗବାନ ଦାସଙ୍କ ଲିଖିତ କବିତା "ବଡଦାଣ୍ଡ ବଡ ଗହଳି" ପଢିଥିଲେ । ଶେଷ କବିତା 'ଚିଟାଉ'ରେ ସୁଲୋଚନା ଲେଖିଥିଲେ ବିଦେଶରେ ରହୁଥିବା ସ୍ୱାମୀଙ୍କ ଅପେକ୍ଷାରତ ସ୍ତ୍ରୀର ମନକଥା ।

୨୦୧୧ ମସିହାରୁ ହୋଇ ଆସୁଥିବା ଏହି କବିତାପାଠର ଅନ୍ୟ ଆକର୍ଷଣ ସବୁବେଳେ ଶେଷହୁଏ ଓଡିଆ ଖାଦ୍ୟରେ । ଏଥରର ସମାରୋହର ବିଶେଷ ରାତ୍ରିଭୋଜନରେ ଥିଲା ଏଣ୍ଡୁରୀ ପିଠା, ରସଗୋଲା, କଖାରୁ ଫୁଲ ଓ ପୋଇ ପତ୍ର ଭଜା । ମନେ ହୁଏ ଏହା କବିତା ପାଠର ଏକ ଅଙ୍ଗ । ଭଲ ଖାଦ୍ୟ ଖାଇବା ସହିତ, ନିଜ ନିଜର କବିତା ପଢି/ଶୁଣି କବି ପ୍ରତିଭାକୁ ଉତ୍ସାହିତ କରାଇବା ଏହି କବିତା ପାଠର ଉଦ୍ଦେଶ୍ୟ । ଜନସମୂହର ଉପସ୍ଥିତି ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇ କବିତା ପାଠର ଆବାହିକା ସୁଲୋଚନା ପଟ୍ଟନାୟକ ଉତ୍ସବର ସମାପ୍ତି ଘୋଷଣା କରିଥିଲେ ।

ପରବର୍ତ୍ତୀ କବିତା ପାଠର ସ୍ଥାନ ଏବଂ ତାରିଖ – ମନୋଜ ଓ ମୀତା ପଣ୍ଡାଙ୍କ ବାସ ଭବନ, ଏପ୍ରିଲ୍ ୧୪ ଅବା ୧୫ ତାରିଖ ୨୦୧୮ ।

ସୁଲୋଚନା ପଟ୍ଟନାୟକ, ଏଲ୍କ୍‌ରିଜ୍, ମେରୀଲାଣ୍ଡ୍














## Memory Loss

Surendra Ray, North Potomac, Maryland

Every morning at 4 AM I get up
Hundreds of angels show up on the doorway,
of all sizes and shapes.

Every evening they disappear,
Stack overflow, they fall through and away
The best, that's the zero-sum effect.



# ରିଟାୟାର୍ ହେବା ଚିନ୍ତା

**ଜୟଗୋପାଳ ମହାନ୍ତି**




ମନରେ ମନ,
କାହିଁ ପାଇଁ ହେଉ ଏତେ ଉଛନ୍ନ ?
ବୟସ ବଢିଲା, ଚିନ୍ତା ବି ଖାଇଲା,
ରିଟାୟାର୍ ହେବା ବେଳ ବି ହୋଇଲା
ଅବସର ନେବୁ କାଟିବୁ ଦିନ |

ମନରେ ମନ,
କାହିଁ ପାଇଁ ହେଉ ଏତେ ଉଛନ୍ନ ?
ପଞ୍ଚଷଠି ଯାଇ ଅଡଷଠି ହେଲା
ଭାବୁଛୁ ହଟିବ ଯଦି ତୋର ବଳ
କାମେ ପଡିଯିବୁ ହୋଇ ଦୁର୍ବଳ |

ମନରେ ମନ,
କାହିଁ ପାଇଁ ହେଉ ଏତେ ଉଛନ୍ନ ?
ମିସେସ୍ କହନ୍ତି, ସାନ୍ତ୍ୱନା ଦିଅନ୍ତି
ତୁମ ସାଙ୍ଗ ସବୁ କରୁଛନ୍ତି କାମ
ବୁଢା ହେବା କଥା ଭାବ ନା ମନ |

ମନରେ ମନ,
କାହିଁ ପାଇଁ ହେଉ ଏତେ ଉଛନ୍ନ ?
ମିଳିବ ଫୁଲ୍ ସୋସିଆଲ୍ ସିକ୍ୟୁରିଟି
କରିଦେଲେ ଆଉ ଦୁଇ ବର୍ଷ କାମ
ଚଳି ଯିବ ଆମ ଖର୍ଚ୍ଚ ମିନିମମ |

ମନରେ ମନ,
କାହିଁ ପାଇଁ ହେଉ ଏତେ ଉଛନ୍ନ ?
ଭାଗ୍ୟ ଭଲ ତୋ'ର, ଆଗରୁ ଜନ୍ମିଛୁ
ପାଇବୁ ନିଶ୍ଚୟ ସୋସିଆଲ୍ ସିକ୍ୟୁରିଟି
ତୋ' ପୁଅ ବେଳକୁ କିନ୍ତୁ ନ ଥିବ ଧନ |

ମନରେ ମନ,
କାହିଁ ପାଇଁ ହେଉ ଏତେ ଉଛନ୍ନ ?
ବରଷ ଦୁଇଟି ଯିବ ତ ଚାଲି
ଘରେ ବସି ରହି ହେବୁ ତୁ ଭାଳି
ପଇସା ହେବନି କଲେ ଭଲଣ୍ଟିୟରିଙ୍ଗ୍ |

ମନରେ ମନ,
କାହିଁ ପାଇଁ ହେଉ ଏତେ ଉଛନ୍ନ ?
ସ୍ତ୍ରୀ ତ କହନ୍ତି, "ହେବ ହେ ଭଲ"
ତିରଥ କରିବା ଏକାଠି ଆମେ
ଚାରି ଧାମ କ'ଣ ଅଠର ଧାମେ |

ମନରେ ମନ,
ହୁଅନା ତୁ ଆଉ ଏତେ ଉଛନ୍ନ,
ଚାକିରୀ ଅଛି ତ କରୁଥା କାମ
ଠାକୁର ଚିନ୍ତାରେ ଯାଉ ତୋ ଦିନ
ରିଟାୟର୍ ହେବୁ ଗଲେ ଜୀବନ |

# କିଛି ପ୍ରେମ କିଛି ସୁଖ

ବିଜ୍ଞାନୀ ଦାସ, ଡେଟନ୍, ମେରୀଲାଣ୍ଡ୍




କିଛି କଥା କହିହୁଏ, କିଛ ରହିଯାଏ
କିଛି ସ୍ମୃତି ଖୋଲିହୁଏ, କିଛି ରହିଯାଏ
କେବେ ହୃଦୟ ଭିତରେ
କେବେ ମନ ଆଇନାରେ
ସେଇ କଥା, ସେହି ସ୍ମୃତି, ରୂପ ନେଇଯାଏ । ପଦା

କିଛି ଲୁହ ବହିଯାଏ
  ଦୁଃଖ ଧୋଇଦିଏ
କିଛି ଲୁହ ରହିଯାଏ
  ହୃଦକୁ ଭସାଏ
ରହିଥିବା ଲୁହ ପୁଣି
କେବେ ଝଡ ରୂପ ଘେନି
ସାଇତା ସୁଖ ସପନ ସବୁ ଭାଙ୍ଗିଦିଏ ।୧।

କିଛି ପ୍ରେମ କହିହୁଏ
  କିଛି ରହିଯାଏ
ରହିଯିବା ପ୍ରେମ ପୁଣି
  ମନକୁ ଜଳାଏ
ସେ ସାଇତା ପ୍ରେମ ପୁଣି
କେବେ ଅବସାଦ ବନି
ଜିଅନ୍ତା ଜୀବନ ଶମଶାନ କରିଦିଏ ।୨।

କିଛି ସ୍ମୃତି ଫୁଲ ହୋଇ
  ମହକ ଛୁଟାଏ
କିଛି ସ୍ମୃତି ନିଆଁ ହୁଏ
  ମନ ପୋଡିଦିଏ
ସେଇ ଫୁଲ ସେଇ ନିଆଁ
ଭାବନାର ରୂପଛାୟା
ବିସ୍ମୟ ବିଚିତ୍ର ମନ, ନିତି ଝୁରୁଥାଏ ।୩।

କିଛି ଦୁଃଖ ଲେଖିହୁଏ
  କିଛି ରହିଯାଏ
ରହିଥିବା ଦୁଃଖ ନିତି
  ନିଶିଥେ ଜଗାଏ
ଦୁଃଖର ନିର୍ଦ୍ଦୟ ରୂପ
ମନର ସନ୍ତାପ ଚାପ
  ଅଙ୍ଗେଅଙ୍ଗେ ରକତରେ ମିଶି ବହିଯାଏ ।୪।

ଯିଏ ଦିନେ ସୁଖ ଥିଲା
  ସେ ଅମୃତ ସ୍ନେହ
ଭାଗ୍ୟ ବଦଳାଇ ଦେଲା
  ଦାରୁଣ ସମୟ
ସମୟର କାଳଚକ୍ର
ପୋଡିଦିଏ ସବୁ ସୁଖ
ଗଢିଥିବା ସ୍ୱପ୍ନଘର କ୍ଷଣେ ଭାସିଯାଏ ।୫।

ସେଇ ପ୍ରେମ ଦିନେ ଥାଏ
  ସତେଜ ସୁନ୍ଦର
ଆନନ୍ଦ ଅଜାଡି ଦିଏ
  ସଞ୍ଜ ଓ ସକାଳ
ପ୍ରେମ ହୁଏ ପ୍ରତାରଣା
ମରିଯାଏ ସବୁଜିମା
ଧୁଧୁ ଜଳେ ମରୁବାଲି ଜୀବନ ଜଳାଏ ।୬।

କିଛି ପ୍ରେମ କିଛି ସୁଖ
ଏ ଜୀବନେ ଲୋଡା
କହିବାକୁ, ଲେଖିବାକୁ
ଦେବାକୁ ସାହାରା
ତୁମେ ଆସ ପ୍ରେମ ହୋଇ
ଜୀବନ ମୋର ରଙ୍ଗାଇ
ଦୁଃଖସବୁ ଲିଭିଯିବ ଆପଣାର ଛାଏଁ ।୭।

କିଛି ପ୍ରେମ ଲେଖାହୁଏ
ଗପ କବିତାରେ
କିଛି ପ୍ରେମ ଗୀତ ହୁଏ
ବହେ ସୁରେସୁରେ
ତୁମ ପ୍ରେମ ମୁକ୍ତାମାଳା
ପିନ୍ଧିବାର ଶୁଭବେଳା
ପ୍ରତୀକ୍ଷାରେ ଆଶାପକ୍ଷୀ ଡେଣା ମେଲିଦିଏ ।୮।

କିଛି ପ୍ରେମ ଫୁଟିଯାଏ
ମନେ ଫୁଲ ହୋଇ
ଫଳଧରେ ସଂପୂର୍ଣ୍ଣତା
ସୁଆଦ ମିଶାଇ
ଚାଖିବାକୁ ସେଇ ଫଳ
କ୍ଷୁଧିତ ମନ ପ୍ରବଳ
ମାନସିକ ପୂଜାଥାଳି ସଜାଇ ରଖାଏ ।୯।

କିଛି ପ୍ରେମ ଆବେଗର
ଜୁଆର ଛୁଟାଏ
ନିଷ୍ପାପ ଚୁମ୍ବନ ଦେଇ
ଭାବନା ସଜାଏ
ନୀଳନୀଳ ଆକାଶରେ
ଜହ୍ନହସି ଠାରମାରେ
ଜୋଛନାରେ ସୁର ଭରି ମୁରଲୀ ବଜାଏ ।୧୦।



ଦକ୍ଷିଣ କୋରିଆର ସିଓଲ୍ ଟାୱାର୍‌ରେ ପ୍ରେମିକ, ପ୍ରେମିକା ମାନେ ସେମାନଙ୍କର ପ୍ରେମର ଅମରତ୍ୱ କାମନାକରି ପ୍ରେମର ଚାବି ବାନ୍ଧିଥାନ୍ତି ।




# ଭାବୁଥିଲି ତୁମେ ପ୍ରଭୁ ଭଲ ସ୍ୱଭାବର

**ଶଶଧର ମହାପାତ୍ର, ମେରୀଲାଣ୍ଡ୍,**
**ଯୁକ୍ତରାଷ୍ଟ୍ର ଆମେରିକା**

ଜନ୍ମ, ମରଣ ତୁମ ସୃଷ୍ଟିର ଭିଆଣ
ଏ'ତ ସବୁ ତୁମ ନାଟ ନିଖିଳ ରାଜନ
କାହାକୁ ଦେଇଛ ତୁମେ ସୁନ୍ଦର ଜୀବନ
କାହାକୁ କରିଛ ପରା ଦୀନ, ଅକିଞ୍ଚନ ।

କେଉଁ ଶିଶୁ ପାଉନାହିଁ ମାଆର ମମତା
କା' ଜୀବନେ ଭରିଅଛ ବେଦନା ଓ ବ୍ୟଥା
ଖୁସିରେ କାଟୁଛି କିଏ ଜୀବନଟା ସାରା
କା' ନୟନୁ ବହୁଅଛି ଲୋତକର ଧାରା ।

ପେଟ ପୁରିବାକୁ ନାହିଁ କା' ପାଶେ ଦାନା
ଦେହ ଲୁଚିବାକୁ ନାହିଁ କା'ର ଖଣ୍ଡେ କନା
ଯିଏ ନିରାଶ୍ରୟ ତା'କୁ ଦିଅନାହିଁ କିଛି
ଯିଏ କିଛି ଲୋଡେନାହିଁ ବେଶୀ ପାଉଅଛି ।

ଭିନ୍ନ ଢଙ୍ଗରେ ତୁମେ କାହାକୁ ମାରୁଛ
ଦୁଇ ଚକାଡୋଳାମେଲି ସବୁତ ଦେଖୁଛ
କିଏ ମରୁଅଛି ପରା ଭୋକ, ଉପାସରେ
କିଏ ବେଶୀ ଖାଇଖାଇ ବେମାରିରେ ମରେ ।

କିଏ ଆଜି କ୍ଷୀରି, ପୁରି ବଳକା ଛାଡୁଛି
ଅଇଁଠା ପତ୍ରକୁ କିଏ ଚାଟିକି ଖାଉଛି
ମାଛି ଭଣଭଣ ଦେଖ ଅଇଁଠା ଖଲିରେ
ପେଟ ପୋଡି ଗଲାବେଳେ ପଡେନା ଦୃଷ୍ଟିରେ ।

ଫୁଟ୍‌ପାଥ୍, ଷ୍ଟେସନରେ କିଏ ନିଏ ଆଶରା
ତା' ସ୍ୱପ୍ନ ଅଧୁରା, ତା' ଜୀବନ ଘସରା
ଶୀତରାତି କାଟେ କିଏ ରେଳଷ୍ଟେସନରେ
ମୁଣ୍ଡ ଗୁଞ୍ଜିବାକୁ ଘର ଦେଲନାହିଁ ଥରେ ।

ମା'ଟିଏ ଶୋଇଅଛି ତିନି ଛୁଆ ଧରି
ସ୍ୱାମି ଯାଇଅଛି ଛାଡି ସ୍ତ୍ରୀ'କୁ ପାଶୋରି
ଏ'ମାନେ ନୁହଁନ୍ତି କେବେ ଧାଉଁଥିବା ଯାତ୍ରୀ
ଷ୍ଟେସନରେ ଏମିତି ବିତାଅନ୍ତି ରାତି ।

ଦିନେ ନୁହେଁ, ଏ' ଘଟଣା ଘଟୁଅଛି ନିତି
ସୁଖ ନିଦ୍ରାରେ ଦେଖ କାଟୁଛନ୍ତି ରାତି
ମା'ଟିର ହାତ ଲମ୍ବିଅଛି ତାଙ୍କୁ ଛୁଇଁ
କାଳେ ଚମକିପଡିବେ ତା' ଛୁଆ କେହି ।

କାହାକୁ କର ନିଜର, କିଏ ହୁଏ ପର
କିଏ ପଡିଗଲେ ତୁମେ ତା' ହାତଧର
ମହପ୍ରଭୁ ! ଏତେ ତୁମ ବାଛ ଓ ବିଚାର
ଭାବୁଥିଲି ତୁମେ ପ୍ରଭୁ ଭଲ ସ୍ୱଭାବର ।

# ବଡ ଦାଣ୍ଡ ବଡ ଗହଳି

ଭଗବାନ ଦାସ

ପାଠିକା - ଅତସୀ ଦାସ




ବଡ ଦାଣ୍ଡ ବଡ ଗହଳି,
ଭକତ ପତିତ କରନ୍ତି ମେଳି
ବଡ ଦାଣ୍ଡ ବଡ ଗହଳି

କାଳିଆ ଆସିବ ବଡ ଦାଣ୍ଡେ,
ଭାଇ ଭଉଣୀଙ୍କୁ  ଘେନି ସଙ୍ଗେ
ରଥରେ ଚଢ଼ିବ ସେ ପହଣ୍ଡି ଖେଳି

ଭକତ ପତିତ ଭାବେ ଭୋଳ ,
ହରିବୋଲ ଶବ୍ଦେ କରନ୍ତି ଗୋଳ
କରତାଳି ସଙ୍ଗେ କେ ହୁଳହୁଳୀ

ଭକତେ ହୁଅନ୍ତି ଭାବେ ବାଇୟା,
କାଳିଆ ମୁଣ୍ଡରେ ଦେଖି୍ ଟାହିଆ
ଯେ ଦୃଶ୍ୟ ଜାୟେକି ସବୁଠୁ ବଳି

କଚା ଖାଇ ଚାର ଉଠଇ ଜଗା,
ପଣ୍ଡା ପଡ଼ିଆରୀ ଲଗାନ୍ତି ପଘା
ମନରେ ଆନନ୍ଦ  ଉଠେ କୁରୁଳି

କଲେବର୍ଗୟେସ୍ୱର ମଉଡ ମଣି,
ତାଙ୍କ ହାତେ  ଶୋଭା ସୁନା ଛାଞ୍ଚୁଣି
ଛେରା ପହଁରନ୍ତି ସେବକ ଭଳି

ଜଗତେ କହନ୍ତି ବଡ ଠାକୁର,
ସବୁ ବଡ ବୁନିୟାଦି  ତାଙ୍କର
ମହିମା କେ ତାଙ୍କ ପାରିବ କଳି

ଭକତ ରଂଜିବା ତାର କାମ ,
ନାହିଁ ମାନ ଅବା ଅଭିମାନ
ସାମନ୍ତ ପଣେକେ ଯିବ ବଳି

ତୁମେ ସିନା କ୍ଷେତ୍ର ବାସୀ ,
ଆମେ ପରା ପରଦେଶୀ
ସ୍ୱଦେଶେ ଚଳିବୁ ତୋ କଥା ଭାଳି

ଛାଡ଼ି ଯିବାକୁତ ନହୁଏ ମନ ,
ଲଗୁଥାନ୍ତୁ  ସଦା ତୋ ଦରଶନ
ସଂସାର ଜଞ୍ଜାଳ ଦେଉଛି ଗିଳି

ତୋ ପାଶେ ରହିଲା ନିବେଦନ ,
ପୁନଃ ଦରଶନ ଇଛଇ ମନ
ଲଗାଇବୁ ଡୋରି ଏତିକି ଅଳି





# ଚିଟାଉ

ସୁଲୋଚନା ପଟ୍ଟନାୟକ
ଏଲକ୍ରିଜ, ମେରିଲାଣ୍ଡ
୯/୧୦/୨୦୧୭

ତୁମେ ମୋତେ ଦେଇଥିଲ କଥା
ପଠାଇବ ତୁମରି ବାରତା
ପହଞ୍ଚି ସେ ନୂଆ ରାଇଜରେ
ଚିଟାଉରେ ଲେଖି ତୁମ କଥା ।

ବ୍ୟସ୍ତ ଥିବ ନିଶ୍ଚୟ ଜାଣିଛି
ନୂଆ ଦେଶ, ନୂଆ କର୍ମ ଭୂଇଁ
ବିତିଲାଣି ଦୁଇଟି ବରଷ
ଚିଟାଉର ଅପେକ୍ଷାରେ ଥାଇ ।

କହିବିନି ଦୁଃଖେ ଅଛି ବୋଲି
କହିବିନି କାହିଁକି କାନ୍ଦଇ
ତୁମ କଥା ମନେ ପଡେ ଭାରି
ଦୁଃଖ ଆଉ ଯାତନା ବଢଇ ।

ସେଦିନର ସନ୍ଧ୍ୟା ବେଳ କଥା
ଆଜି କାଇଁ ଭାରି ମନେ ପଡେ
ତୁମ ସହ ଯାଇଥିଲି ଯେବେ
ଗାଁ ମୁଣ୍ଡ ମଂଗଳା ମନ୍ଦିରେ ।

ଘଣ୍ଟ ଘଣ୍ଟା ବାଜୁଥିଲା ସେଠି
ପୂଝାରୀର ସଂଖ ନାଦ ତହିଁ
ଆରତୀରେ ମନ ମୋର ଥିଲା
ସଂଧ୍ୟା ଯେବେ ଆସୁଥିଲା ନଇଁ ।

ତୁମେ ସେଠି ମୁଣ୍ଡିଆ ମାରିଲ
ପୂଝାରୀର ଆର୍ଶିବାଦ ନେଇ
ଆସି ପାଖେ ଠିଆ ହେଲ ମୋର
ଭୋଗ ଡାଲା ଦେଲ ଯେ ବଢାଇ ।

ସେଇ ଏକ ନିରୋଳା ମୂହୁର୍ତ୍ତେ
ମୋ' ଗଭାରେ ଦେଇଥିଲ ଗୁଞ୍ଜି
ସୁରଭିତ ଚମ୍ପା ଫୁଲଟିଏ
ପାଇଥିଲ ମୋ' ଡାଲାରୁ ଖୋଜି ।

ଏ ଯାଏଁ ମୁଁ ସାଇତି ରଖିଛି
ଫୁଲଟିକୁ ଫରୁଆ ଭିତରେ
ବାସ ତାର ନ ଥିଲେ ନ ଥାଉ
ସେ ଫୁଲରୁ ପ୍ରେମ ମଧୁ ଝରେ ।

ଶାଶୁ ମୋର କହୁଥିଲେ ଆଜି
ତୁମେ କାଳେ ଦେଇଛ ଖବର
ସାଙ୍ଗ କିଏ ଆସିଛି ଏଠାକୁ
କହୁଥିଲା, କିଣିଅଛ ଘର ।

କାରଣ ମୁଁ ଜାଣିଗଲି ଏବେ
ବ୍ୟସ୍ତ ତୁମେ ଥିଲ ଏଇ ଥିରେ
କାମ ଦାମ ସହ ଘର କିଣା
ହୁଏ ନାହିଁ କେବେ ସହଜରେ ।

ଭାବୁଅଛି ଅବା କେଉଁ ଦିନ
ଆସିବ କି ମୋତେ ନେବା ପାଇଁ
ଅପେକ୍ଷାରେ ଘର ତୁମ ଥାଉ
ଗଲେ ମୁହିଁ ଦେବି ଯେ ସଜାଇ ।

ଦିନ ମୋର କଟିଯିବ ସେଠି
ପିଲା ଛୁଆ ଜଂଜାଳ ଭିତରେ
ସପନ ମୁଁ ଦେଖୁଅଛି ଆଜି
ପ୍ରିୟ ତୁମ ଚିଟାଉ ଆଶାରେ ।

# ପ୍ରସ୍ଥାନର ପୂର୍ବରୁ

ବବୁ ସାମଲ




ବିଦାୟର ସମୟ ହେଲାଣି
ମୋ ମନରେ କିଂତୁ
ତରବରର ପ୍ରଶ୍ନ ନାହିଁ
ଯିବା ଦିନ ନିଶ୍ଚୟ ଘୁଂଚି ଯିବ
ଅତି କମରେ
ମୋ ପାଇଁ

ମୋ ଜୀବନଟା ଗୋଟିଏ pile
ମଣିଷର ମସ୍ତିସ୍କ ପରି

ସବୁ ଦିନ ଭାବେ
ଆସନ୍ତା  weekendsରେ
ମୋ deskଟା ପରିଷ୍କାର କରିଦେବି

କେତେ ଥର ଚେଷ୍ଟାକଲି
କିନ୍ତୁ କଅଣ  ରଖିବି
କଅଣ ଫୋପାଡିବି
ଜାଣି ପାରିଲିନି

ମୋତେ ସବୁ ରଖିବାକୁ ଇଛା ହେଲା
ମୋ ପୁରୁଣା ଚଶମା
ଯାହାକୁ ମୁଁ କେବେ ବ୍ୟବହାର କରିବି ନାହିଁ

ତିରିଶ ବର୍ଷ ତଳର ଚିରି ଯାଇଥୀବା company t shirt
Out of focus photos
କିଛି ଫୋପାଡି ପାରେନା

କେତେ ଥର ଭାବିଲି
ଯାହା ସାଂଗରେ ନେଇ ପାରିବି
କେବଳ ସେଇଟା ରଖିବି
ସତରେ କିଛି ବି ତ ନେଇ ପାରିବିନି

ସମାଧାନ ନେବାରୁ ମୁକ୍ତି ପାଇବା ପାଇ
ମୁଁ ନିଜକୁ ବ୍ୟସ୍ତ  ରଖିଲି
Email check କଲି
TV channel ଗୋଟା ପରେ ଗୋଟା
Change କଲି

ଶୋଇବା ପୂର୍ବରୁ ସବୁ ଥର ପରି
ପ୍ରତିଜ୍ଞା କଲି
ଆସନ୍ତା weekend ରେ ନିଶ୍ଚୟ
ସବୁ ଫଇସଲା  କରିବି
ନୋହିଲେ
ଠିକ ପ୍ରସ୍ଥାନର ପୂର୍ବରୁ



# ବଦ୍ଧ ବିହଙ୍ଗ

ମନୋଜ ପଣ୍ଡା, ଗେଥର୍ସବର୍ଗ୍, ମେରୀଲାଣ୍ଡ

ଶୃଙ୍ଖଳହୀନ ପକ୍ଷୀଟିଏ
କେତେବେଳେ ଉଡିଯାଏ ଉପରକୁ
ଆଉ କେତେବେଳେ ତଳକୁ
ମୁଦ୍ରିତ ପର୍ଣ୍ଣରେ
ଅର୍କର ରକ୍ତାଂଶୁ ରଂଜିତ ଆକାଶ
ଯା'ର ଦଖଲ ପାଇଁ ସଦର୍ପ ପ୍ରୟାସ !

କିନ୍ତୁ ସେ ଉଦ୍-ବିଗ୍ନ
ମୁକ୍ତିର ରାହା ଖୋଜେ
ସଂକୀର୍ଣ୍ଣ ପିଞ୍ଜର ମଧରେ
ହେଲେ କେବେକେବେ ତାର ହୃଦ୍-ବୋଧ ହୁଏ
ଦୁର୍ଦ୍ଧର୍ଷ ପ୍ରାଚୀର ଭିତରୁ
ସେ ଯେ ପକ୍ଷଛେଦ, ପଦବଦ୍ଧ |

ଦୁର୍ନିର୍ବାର ମୂର୍ଚ୍ଛନାର ସ୍ଫୁରଣ
କଣ୍ଠରୁ ଭାବୋଚ୍ଛ୍ୱାସର ନୈସର୍ଗିକ ଅବତରଣ |

ଗାଇଯାଏ ବିଲଗ୍ନ ବିହଗ
ଭୀତତ୍ରସ୍ତ କମ୍ପିତ ତାର ସ୍ୱର
ଅପ୍ରକାଶିତ ଅଭିଳାଷର ଚରିତାର୍ଥ ପାଇଁ
ଗୁଞ୍ଜରି ଉଠେ ତାର ଗାନ
ଦୂର ପର୍ବତ ମେଖଳାରେ
ସେ ଯେ ଗାଉଥାଏ
ତା'ର ମୁକ୍ତିର ସଂଗୀତ |

ଅନାଗତ ମଳୟର ପ୍ରତୀକ୍ଷାରେ
ମୁକ୍ତ ପକ୍ଷୀ ମଜ୍ଜି ଯାଏ
ମନ୍ଦ ଅନିଳର କୋମଳ ପରଶରେ
ଦୋଳାୟମାନ ତରୁରାଜି ସହ
ଉଷସ ସବୁଜିମାର ପୀନ କୀଟ ଆହାରରେ
ସତେ ଯେପରି ଅନନ୍ତବିସ୍ତାରୀ ନୀଳିମାର
ତା'ର ଏକଛତ୍ରତାର ଅନୌପଚାରିକ ପ୍ରତିପାଦନ |

ପରନ୍ତୁ ବଦ୍ଧ ପକ୍ଷୀର ଆଧାର
ସେ ସ୍ୱପ୍ନର ମରଣ ବେଦୀକା
ପ୍ରତିଛାୟା ତାର ଚିତ୍କାର କରି ଉଠେ
ଏକ ଭୟଙ୍କର ଦୁଃସ୍ୱପ୍ନ ଦେଖି
ପକ୍ଷଚ୍ଛେଦ, ପଦବଦ୍ଧ ସେ ଯେ
ବିଳପି ଉଠେ ସେ,
ନିନାଦିତ ହୁଏ ଗଗନ ପବନ
ଅଜଣା ଏକ କୋହଭରା ରାଗିଣୀରେ |

ଗାଇଯାଏ ବିଲଗ୍ନ ବିହଗ
ଭୀତତ୍ରସ୍ତ କମ୍ପିତ ତାର ସ୍ୱର
ଅପ୍ରକାଶିତ ଅଭିଳାଷର ଚରିତାର୍ଥ ପାଇଁ
ଗୁଞ୍ଜରି ଉଠେ ତାର ଗାନ
ଦୂର ପର୍ବତ ମେଖଳାରେ
ସେ ଯେ ଗାଉଥାଏ
ତାର ମୁକ୍ତିର ସଂଗୀତ |

*ବୈଶାଖ କୃଷ୍ଣପକ୍ଷ ଷଷ୍ଠୀ*
*ସୋମବାର, ୨୦୧୭*

(ମାୟା ଆଂଜେଲୁଙ୍କ କେଜ୍ଡ୍ ବାର୍ଡ୍ କବିତା ଛାୟାରେ ଲିଖିତ)




# ତୃଷ୍ଣା ଅସ୍ତରାଗର

ମନୋଜ ପଣ୍ଡା, ଗେଥର୍ସବର୍ଗ୍, ମେରୀଲାଣ୍ଡ

ଘୁମନ୍ତ ନିଶୀଥର ନିଃଶେଷ ପ୍ରହରେ
କେ ଡାକେ ମନର ନିଭୃତ ଦ୍ୱାରରେ
ଉତ୍ତିଷ୍ଠତ ଜାଗ୍ରତ
ପ୍ରାପ୍ୟ ବରାନ୍ନିବୋଧତ | (୧)

ଅଶାନ୍ତ-ଶାନ୍ତର ଚକ୍ରିୟ ଦୋଳିରେ
ଉଠେ ପଡେ ଜୀବନଟି କର୍ମର ଖେଳରେ
ହସ-କାନ୍ଦ ନାଟକର ପରଦାର ପଛରେ
ଅହରହ କହି ଚାଲେ
ଉତ୍ତିଷ୍ଠତ ଜାଗ୍ରତ
ପ୍ରାପ୍ୟ ବରାନ୍ନିବୋଧତ | (୨)

ବାଲ୍ୟ କୈଶୋର ଯୌବନ କ୍ରମରେ
ପ୍ରୌଢ଼ ବାର୍ଦ୍ଧକ୍ୟ ଆସିଯାଏ ତା ପରେ
ମୃତ୍ୟୁର ଶିରାଳ ଶୀତଳ ସ୍ପର୍ଶରେ
ଅନାହତ ସ୍ୱ.ଉରି ଉଠେ
ଉତ୍ତିଷ୍ଠତ ଜାଗ୍ରତ
ପ୍ରାପ୍ୟ ବରାନ୍ନିବୋଧତ | (୩)

ସମୟର ସ୍ରୋତସ୍ୱିନୀ କରିଯାଏ ରଚନା
ସଂଗୀତ ଛନ୍ଦରେ ମଳୟର ମୂର୍ଚ୍ଛନା
ନୟନ ଯୁଗଳ କେବେ ଚାହିଁ ଥାଏ ପଥକୁ
ପ୍ରେମଭିଜା ବୁକୁ କେବେ କ୍ରନ୍ଦନରୋଳକୁ
ଥମେନାହିଁ ନେପଥ୍ୟେ ପ୍ରତିକ୍ଷଣେ ଗୁଞ୍ଜରଣ
ଉତ୍ତିଷ୍ଠତ ଜାଗ୍ରତ
ପ୍ରାପ୍ୟ ବରାନ୍ନିବୋଧତ | (୪)

କେଶ-ବେଶ ଭାବର ସେ କେତେ ଯେ ବିନ୍ୟାସ
ଧନ-ଜନ-ନାମ ପାଇଁ ଅବିରତ ପ୍ରୟାସ
ଭିତର ଓ ବାହାରର ଭେଦଭରା ପ୍ରଭେଦ
ପ୍ରହେଳିକା ଜାଲ ଦେହେ ମାୟାବୀର ଦରଦ
ତଥାପି ଅସରନ୍ତି ହୃଦ ପ୍ରତିଧ୍ୱନିତ
ଉତ୍ତିଷ୍ଠତ ଜାଗ୍ରତ
ପ୍ରାପ୍ୟ ବରାନ୍ନିବୋଧତ | (୫)

ପ୍ରବଂଚନା ପ୍ରପଂଚର ସୀମ ସରହଦରେ
ତୃଷ୍ଣା ନିବାରଣ ହୁଏନା କେବେ ତ୍ରିକାଳରେ
ଅସ୍ତରାଗୀ ମରିଚୀକା କାମନା ବାସନାର
ଭୋଗ ଉଭା ରକ୍ତବୀଜ ବିଳାସ କାୟାର
ହୋଇ ନାହିଁ, ହେବ ନାହିଁ କଦାପି ସ୍ତିମିତ
ଶୁଦ୍ଧ ସତ୍ୟ ନିତ୍ୟ ପ୍ରଣବ ସତତ ନିନାଦିତ
ଉତ୍ତିଷ୍ଠତ ଜାଗ୍ରତ
ପ୍ରାପ୍ୟ ବରାନ୍ନିବୋଧତ | (୬)

ଆଶ୍ୱିନ କୃଷ୍ଣ ପକ୍ଷ ଚତୁର୍ଥୀ
ସେପ୍ଟେମ୍ବର ୧୦, ୨୦୧୭




# ଡାହୁକ ଡାକ

**ଶିଖଣ୍ଡ ଶତପଥୀ**

ହୋ ଭଗତେ...
ରଥ ଗଲା ଗଡିଗଡି
ଭଣ୍ଡ ବାବା ହାତେ ପାଞ୍ଚାଳି ଶାଢୀ
ତନ ମନ ଧନ ଆସ୍ଥା ଉଜଡି
ହୋ ଭଗତେ...ତଥାପି ଦେଖ ଏ ଭକତ ଧାଡି

ହୋ ଭଗତେ...
ଜଗା ବଳିଆଙ୍କ ଆକ୍ଷି
ଦେଖୁଛି ନିରବେ ସବୁ ପରଖି
ଭଣ୍ଡ ସାରଥୀ କୁ ରାଧେ ମା ସଖୀ
ହୋ ଭଗତେ...ବେଙ୍ଗ-ଗିଳା-ସାପ ଝାମ୍ପଇ ପକ୍ଷୀ

ହୋ ଭଗତେ...
ବାନା ଉଡେ ଫୁରୁଫୁରୁ
ଅଗାବଗା ଯେତେ ଗବା ଗାଁଆ ରୁ
ରାଜା କରିଦେଲେ ଗାଲୁଆ ଗୁରୁ
ହୋ ଭାଗତେ...ରାମ୍ପୁଥା ଖାଇକି କୁଣ୍ଡିଆ ସାରୁ

ହୋ ଭଗତେ...
ଝାଞ୍ଜ ବାଜେ ଢାଇଁ ଢାଇଁ
ବେଳ କାଳ ଉଣ୍ଡି ରୁଷିଆ ଭାଇ
ସଭା ମଧ୍ୟେ ଦେଲା ଷଣ୍ଢ ପୁରାଇ
ହୋ ଭଗତେ...ହିଲାରି ନାଚୁଛି ତା ଥେଇ ଥେଇ

ହୋ ଭଗତେ...
ରଥେ ବିଜେ ବନମାଳୀ
ପରମାଣୁ ବୋମା ଖଞ୍ଜି ହାବେଳୀ
ଛାଡୁଛି "ଯଙ୍ଗ[1]"କୁ ଜଙ୍ଗ[2] ବାତୁଳି
ହୋ ଭଗତେ...ଭିତରେ ଚାଇନା ମାରୁଛି ତାଳି

ହୋ ଭଗତେ...
ଖାଲି ହେଲା ନୀଳଗିରି
ଡାକା[3]-ଇତି କଲା ଡକାୟତଶ୍ରୀ
ଯବନ ଘଉଡି ତୋଳେ ପାଚେରୀ
ହୋ ଭଗତେ...କୋରିଆ ହୁମ୍ପାଟେ ଦିଅଇ ଛେରି

ହୋ ଭଗତେ...
ଚକ ଗଡେ ଝାଇଁଝାଇଁ
ଅରଣା ଅରମା[4] ଆସେ ଗୋଡାଇ
ଲିମ୍ବା[5] ଧାଉଁଅଛି ହୁରି ପକାଇ
ହୋ ଭଗତେ... ରାଜନୀତି ଘୂର୍ଣ୍ଣିବାତ୍ୟା କରାଇ

ହୋ ଭଗତେ...

---

[1] ଉର୍ଦ୍ଦୁ ରେ ଅର୍ଥ ଯୁଦ୍ଧ
[2] Kim Jong-Un
[3] DACA - Deferred Action for Childhood Arrivals
[4] Hurricane Irma
[5] Conservative radio host Rush Limbaugh